■ ଏସ୍‌ସିବି ପରିଦର୍ଶନ କଲେ ଆଡଭୋକେଟ୍ କମିଟି

## ପ୍ରବେଶପଥ ଜବରଦଖଲ ମୁକ୍ତ କରାଯାଉ

**କଟକ, ୯।୧୨(ସମିସ):** ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଜି ଆଡ଼ଭୋକେଟ କମିଟି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଗତଥର ପରିଦର୍ଶନ ସମୟରେ ଯେଉଁ ସବୁ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ସେହିସବୁ ବିଷୟ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ହସ୍ପିଟାଲ ପରିସରରେ ଆଲୋକୀକରଣ, ରାସ୍ତା ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟ ମରାମତି, ଏସି ଓ ଫ୍ୟାନ ମରାମତି, ପାନୀୟ ଜଳ ଯୋଗାଣ, ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ପାସ ଯୋଗାଣ, ଜଳବନ୍ଦୀ ସମସ୍ୟାର ସମାଧାନ ଆଦି କ୍ଷେତ୍ରରେ ସନ୍ତୋଷ ପ୍ରକାଶ କରିଥିଲେ। ତେବେ ରୋଗୀମାନଙ୍କ ସହାୟକ ମାନେ ଅପେକ୍ଷା କରିବା ନିମନ୍ତେ ଅପେକ୍ଷାଗୃହ ନିର୍ମାଣ, ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ନିମନ୍ତେ ମଧ୍ୟ କମିଟି ପରାମର୍ଶ ଦେଇଥିଲେ। ଏଥିସହ ତ୍ୱରିତ ଆମ୍ବୁଲାନ୍ସ ଯାତାୟତ ପାଇଁ ମେଡିକାଲ ପ୍ରବେଶ ପଥକୁ ଜବରଦଖଲ ମୁକ୍ତ କରିବା ଉପରେ କମିଟି କ୍ଷେତ୍ର ପରିଦର୍ଶନ କରି ଦୋକାନୀ ଓ ଆମ୍ବୁଲାନ୍ସ ଡ୍ରାଇଭରମାନଙ୍କ ସହ ଆଲୋଚନା କରିଥିଲେ। ହାଇକୋର୍ଟ ବାର ଆସୋସିଏସନର ସଭାପତି ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି କମିଟିରେ ସଦସ୍ୟ ସରୋଜ କୁମାର ପାଢ଼ୀ ଓ ଶ୍ରୀଜିତ ମହାନ୍ତି ଉପସ୍ଥିତ ଥିଲେ। କମିଟି ପ୍ରଥମେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଲୁସି ଦାସଙ୍କୁ ସାକ୍ଷାତ କରି ହସ୍ପିଟାଲର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଅଧୀକ୍ଷକ ଡାକ୍ତର ମନୋଜ କୁମାର ପଟ୍ଟନାୟକ, କୁଳସଚିବ ଡଃ ଅବିନାଶ ରାଉତ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଅତିରିକ୍ତ କମିଶନର, କଟକ ମହାନଗର ନିଗମର ଅତିରିକ୍ତ କମିଶନର କଳ୍ପତରୁ ବେହେରା, ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସମେତ ସିଏମସି, ପୂର୍ତ୍ତ ଓ ୱାଟକୋର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖାଉଟିଙ୍କୁ ମିଳୁନି ୧ଟଙ୍କିଆ ଚାଉଳ



**କଟକ, ୯।୧୨(ସମିସ):** ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ପଡ଼ିକାର୍ଡ ଉପଭୋକ୍ତାଙ୍କୁ ସରକାର ବନ୍ଦ କରିଥିବା ୧ ଟଙ୍କା ଚାଉଳ, ସର୍ଭର ତ୍ରୁଟି ଯୋଗୁଁ ଖାଉଟି ମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ସମସ୍ୟାକୁ ଦୂର କରିବା ପାଇଁ ଏବଂ କଣ୍ଟ୍ରୋଲ ଡିଲରଙ୍କୁ ନୂତନ ଯାଞ୍ଚ ମେସିନ ମହଜୁଦ କରାଇବା ଦାବିରେ କଟକ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ କଟକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଖାଉଟି ମାନଙ୍କୁ ହଇରାଣ କରା ନଯାଉ। ଏ ଦିଗରେ ବିହିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ରାଜ୍ୟ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ନଗର ଯୁବ ସଭାପତି ସୌମ୍ୟଦୀପ ଘୋଷ, ସୟଦ ଜଲିଲ, ବିଶ୍ୱଭୂଷଣ ପାଣି, ବାଲାଜୀ ସେଠି, କୁନିଆ ସେଠୀ, ପ୍ରଦୀପ ସାହୁ ଚିତ୍ତରଞ୍ଜନ ସାହୁ, ଜନାର୍ଦ୍ଦନ ମହାନ୍ତି, ଫିରୋଜୁର ରାହେମନ, ପ୍ରଦୀପ୍ତ ବେହେରା, ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର**

## ଶାନ୍ତି କମିଟିର କର୍ମକର୍ତ୍ତା ନିର୍ବାଚନ ୨୨ରେ



**କଟକ, ୯।୧୨(ସମିସ):** କଟକ ମହାନଗର ଶାନ୍ତି କମିଟିର କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦରଘାବଜାରସ୍ଥିତ କାର୍ଯ୍ୟାଳୟଠାରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସ କମିଟିର କର୍ମକର୍ତ୍ତାଙ୍କ ପାଞ୍ଚ ବର୍ଷର କାର୍ଯ୍ୟକାଳ ଶେଷ ହେଉଥିବା ପରିପ୍ରେକ୍ଷୀରେ ଡିସେମ୍ବର ୨୨ ତାରିଖ ରବିବାର ଦିନ ନୂତନ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ସୂଚନା ଦେଇଥିଲେ। ଏହି ନିର୍ବାଚନକୁ ସୁପରିଚାଳନା କରିବା ପାଇଁ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇ ସର୍ବସମ୍ମତ କ୍ରମେ ଏକ ପ୍ରସ୍ତାବ ଗ୍ରହଣ କରାଗଲା। ଏହି ବୈଠକରେ ଉପସଭାପତି ଦେବେନ୍ଦ୍ର କାହାଳୀ, କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ଜ୍ୟୋତିପ୍ରକାଶ ଘୋଷ, ମନୋରଞ୍ଜନ ସାହୁ, ନରେଶଚନ୍ଦ୍ର ସାହୁ, ତାପସ ପ୍ରହରାଜ, ଧର୍ମେଶ ନାୟକ, ନଳିନୀ ସେନାପତି, ରବୀନ୍ଦ୍ର ବେହେରା, ଅଶୋକ ରାଉତରାୟ, ମୀନକେତନ ଦାସ, ଡ଼. ଦ୍ୱିପାୟନ ପଟ୍ଟନାୟକ, ଧୀରେନ୍ଦ୍ରନାଥ ପ୍ରଧାନ, ଶୁବାଶିଷ କର, ରଞ୍ଜନ ବେଉରା, ବିଜୟ ନାୟକ, ପିଣ୍ଟୁ ମାହାର, ବିଚିତ୍ରାନନ୍ଦ ରାଉତରାୟ, କେଦାର ବେହେରା ଓ ସୁଦୀପ୍ତ ସ୍ୱାଇଁଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ସିଟି କଲେଜରେ ଉତ୍ତେଜନା

# ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ୬ ଆହତ



**କଟକ, ୯।୧୨(ସମିସ):** ରାଜାବଗିଚାସ୍ଥିତ ନେତାଜୀ ମେମୋରିଆଲ ସିଟି କଲେଜରେ ଆଜି ୨ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। କଲେଜରେ ନିଶା କାରବାର ଓ ନିଜର ପତିଆରା ଜାହିର କରିବାକୁ ଯାଇ ଛାତ୍ରମାନେ ପରସ୍ପରକୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ କଲେଜରେ ଦୀର୍ଘ ସମୟ ଧରି ଅଶାନ୍ତ ବାତାବରଣ ଲାଗି ରହିଥିଲା। ବାଦାମବାଡ଼ି ଥାନା ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

**ବାଦାମବାଡ଼ି ଥାନାରେ ଉଭୟ ପକ୍ଷରୁ ଏତଲା**

**ବ୍ଲାକ୍-ବ୍ରଦର୍ସ ଗ୍ରୁପ୍‌ର ସମ୍ପୃକ୍ତି ନେଇ ଖୋଳତାଡ଼**

ଘଟଣାରେ ୬ ଜଣ ଛାତ୍ର ଆହତ ହୋଇଥିଲା ବେଳେ ବାଦାମବାଡି ଥାନାରେ ୨ଟି ମାମଲା ରୁଜୁ କରାଯାଇଛି ବୋଲି ଏସିପି ସ୍ୱସ୍ତିକ୍ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ସାଧାରଣ ନିର୍ବାଚନକୁ ଏହା ମଧ୍ୟରେ ୬ ମାସ ବିତିଛି। ସରକାର ବଦଳି ନୂଆ ସରକାରକୁ ବି ୬ ମାସ ହୋଇଗଲାଣି। ଛାତ୍ର ରାଜନୀତି କଟକରେ ପୁଣି ଥରେ ଅଧିକ ସକ୍ରିୟ ହୋଇଉଠିଛି। ବିଭିନ୍ନ କଲେଜ କ୍ୟାମ୍ପସରେ ଛାତ୍ର ଗୋଷ୍ଠୀ ନିଜର ସଂଗଠନକୁ ବଢ଼ାଇବା ପାଇଁ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଗତ ଦଶହରା ପରଠାରୁ ନେତାଜୀ ମେମୋରିଆଲ ସିଟି କଲେଜର ୨ ଛାତ୍ର ଗୋଷ୍ଠୀ ନିଜର ସମର୍ଥକ ବଢ଼ାଇବା ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷର କିଛି ଛାତ୍ର ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷର କିଛି ଛାତ୍ର ୨ଟି ଗୋଷ୍ଠୀ କରି ନିଜର ସମର୍ଥକ ବଢ଼ାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ। ଏହି ୨ ଛାତ୍ର ଗୋଷ୍ଠୀର କିଛି ପିଲା କଲେଜର ଅନ୍ୟ ପିଲାଙ୍କୁ ନିଜ ସହିତ ସାମିଲ ହେବାକୁ ବାଧ କରିବା ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଯେଉଁଥିରୁ ଗୋଷ୍ଠୀ ସଂଘର୍ଷ ରୂପ ନେଇଛି। ଏହି କଥାକୁ ନେଇ କିଛି ଦିନ ହେବ କ୍ୟାମ୍ପସରେ ମଧ୍ୟ ବିବାଦ ଲାଗି ରହିଥିଲା। ଆଜି ହଠାତ୍ ଏହା ଉଗ୍ରରୂପ ନେଇଥିଲା। ୨ ଛାତ୍ର ଗୋଷ୍ଠୀ ପରସ୍ପରକୁ କମେଣ୍ଟ କରିବାରୁ ଗଣ୍ଡଗୋଳ ବଢ଼ିଥିଲା। ଏପରିକି କିଛି ଛାତ୍ରଙ୍କୁ ସାଇକେଲ୍ ଷ୍ଟାଣ୍ଡ ପାଖରେ ଗଞ୍ଜେଇ ଟାଣିବାକୁ ବାଧ କରାଯିବା ସହିତ ଛାତ୍ରୀଙ୍କ ଚୁନରିକୁ ଟଣାଓଟରା ମଧ୍ୟ କରାଯାଇଥିଲା। ଯାହାକୁ ନେଇ କ୍ୟାମ୍ପସରେ ୨ ଗୋଷ୍ଠୀର ଛାତ୍ରଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏହାକୁ ନେଇ କ୍ୟାମ୍ପସ ଅଶାନ୍ତ ହୋଇପଡ଼ିଥିଲା। ଗଣ୍ଡଗୋଳ ସମୟରେ ସଂସ୍କୃତ ଅଧ୍ୟାପକ ସେହି ରାସ୍ତାରେ ଯାଉଥିବା ବେଳେ ସେ' ୨ଜଣ ଛାତ୍ରଙ୍କୁ ଧରିନେଇ ପ୍ରିନ୍ସପାଲଙ୍କ ଅଫିସରେ ପହଞ୍ଚାଇଥିଲେ। ଘଟଣା ସମ୍ପର୍କରେ ପ୍ରିନ୍ସପାଲ ଜାଣିବା ପରେ ବାଦାମବାଡ଼ି ଥାନାକୁ ଖବର ଦିଆଯାଇଥିଲା। ପିସିଆର ଭ୍ୟାନ ଯିବା ପରେ ଗଣ୍ଡଗୋଳ ଶାନ୍ତ ପଡ଼ିଥିଲା। ଗଣ୍ଡଗୋଳରେ ଦୁଇ ଗୋଷ୍ଠୀର ୬ ଛାତ୍ର ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ପୁଲିସ ନେଇ ଚିକିତ୍ସା କରାଇଥିଲା। ଘଟଣା ପରେ ଛାତ୍ରମାନେ ଆସି ବାଦାମବାଡି ଥାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ପୁଲିସର ବୁଝାସୁଝା ପରେ ୨ ଗୋଷ୍ଠୀ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ଗୋଟିଏ ଏତଲା ସାଗର ବୋଷ ଦେଇଥିବା ବେଳେ ଅନ୍ୟ ଏତଲାଟି ରଞ୍ଜିତ ପାତ୍ର ଦେଇଥିବା ଜଣାପଡ଼ିଛି। ପୁଲିସ ୨ଟି ମାମଲା ରୁଜୁ କରି ସମସ୍ତ ୬ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡି ଦେଇଛି। କଲେଜ କ୍ୟାମ୍ପସରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ଛାତ୍ର ଗୋଷ୍ଠୀ 'ବ୍ଲାକ ବ୍ରଦର୍ସ' ଥିବା ଅଭିଯୋଗ ଉଠିଛି। ଗତ କିଛି ଦିନ ହେବ କଲେଜର ଜଣେ ଛାତ୍ରୀଙ୍କୁ ଗଣଦୁର୍ଷ୍କର୍ମ କରାଯିବା ଘଟଣା ପଛରେ ମଧ୍ୟ ଏହି ଗ୍ରୁପର ଛାତ୍ର ଥିଲେ ବୋଲି ଛାତ୍ରମାନେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ କୈଫିୟତ ତଲବ

**କଟକ, ୯।୧୨(ସମିସ):** ସାଲେପୁର ସରକାରୀ ହାଇସ୍କୁଲରେ ଗତ ୨୬ ଏବଂ ୨୭ ତାରିଖରେ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ଦୁଇ ଦିନର ଏହି ପ୍ରତିଯୋଗିତାରେ ସ୍ଥାନୀୟ ବିଧାୟକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ମାତ୍ର ଜାଗିଶୁଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ଅନୁପସ୍ଥିତ ରହିଥିଲେ। ଉଦ୍‌ଘାଟନୀ କିମ୍ବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିଲେ। ମଧ୍ୟାହ୍ନ ଭୋଜନ ସମୟରେ ଆସିଥିଲେ ମଧ୍ୟ ୟୁନିଫର୍ମରେ ନଥିଲେ। କାର୍ଯ୍ୟକ୍ରମରେ କୌଣସି ସହଯୋଗ କରି ନଥିବାରୁ ତାଙ୍କ ବିରୋଧରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଗତ ୭ ତାରିଖରେ କୈଫତ ତଲବ ହୋଇଛି। ୫ ଦିନ ଭିତରେ ଉତ୍ତର ନଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

■ ହାଇକୋର୍ଟରେ କଟକ ସହର ପାନୀୟ ଜଳ ଯୋଗାଣ ମାମଲା

## ସିଏଜି ରିପୋର୍ଟ ସମ୍ପର୍କରେ ହାଇକୋର୍ଟଙ୍କ ଜବାବତଲବ

**କଟକ, ୯।୧୨(ସମିସ):** କଟକ ସହର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରସଙ୍ଗକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। କଟକ ସହରର ସହରର ବିଭିନ୍ନ ୱାର୍ଡ ଅଞ୍ଚଳରେ ଜଳ ଅପଚୟ ହେଉଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ୱାଟକୋ ପକ୍ଷରୁ ଦାଖଲ ସତ୍ୟପାଠ ଉପରେ ଆବେଦନକାରୀ ମୈତ୍ରୀ ସଂସଦ ପକ୍ଷରୁ ପ୍ରତି ଜବାବ ଦାଖଲ କରାଯାଇଛି। ସିଏଜି ରିପୋର୍ଟରେ ସହରର ଜଳଯୋଗାଣ ଭିତ୍ତିଭୂମି ନିୟମାନୁସାରେ ନଥିବା ତଥା ପାନୀୟ ଜଳ ପରୀକ୍ଷା ସଠିକ ଢଙ୍ଗରେ କରାଯାଉ ନ ଥିବା ସଂକ୍ରାନ୍ତରେ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ପାଇଁ ୧୮ କୋଟି ଖର୍ଚ୍ଚ କରାଯିବା ପରେ ବି ସହରବାସୀ ବିଶୁଦ୍ଧ ଜଳରୁ ବଞ୍ଚିତ ହେଉଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ତେବେ ସିଏଜି ରିପୋର୍ଟର ସ୍ଥିତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ସିଏଜି ରିପୋର୍ଟ ବିଧାନସଭାରେ



ଉପସ୍ଥାପନ ହୋଇଛି କି ନାହିଁ ଯଦି ହୋଇଛି ଏହା ଉପରେ କଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୈତ୍ରୀ ସଂସଦର ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଭିନ୍ନ ୱାର୍ଡ ଅଞ୍ଚଳରେ ଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକରୁ କେଉଁଠି ଟ୍ୟାପ ଭାଙ୍ଗିରୁଜି ଯାଇଥିବାରୁ ଅନବରତ ପାଣି ବାହାରୁଛି ପୁଣି କେଉଁଠି ବେଆଇନ ସଂଯୋଗ ପାଇଁ ପାଇପଲାଇନ କଣା କରାଯାଉଛି ବୋଲି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୱାଟକୋ ମହାପ୍ରବନ୍ଧକ, କଟକ ମହାନଗର ନିଗମ (ସିଏମସି) ଡେପୁଟି କମିସନର ଓ ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ଗତ ସେପ୍ଟେମ୍ବରରେ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇଥିବା ନେଇ ଏକ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ଗୋଆ ବଡି ବିଲ୍ଡିଂ ପ୍ରତିଯୋଗିତାରେ କଟକର ଅମ୍ରିତାଂଶୁଙ୍କ ସଫଳତା



**କଟକ, ୯।୧୨(ସମିସ):** ଗୋଆର ମନୋହର ପାରିକର ଇଣ୍ଡୋର ଷ୍ଟାଡିୟମରେ ଫିଟନେସ ଏବଂ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କାଠଗଡ଼ା ସାହି ବାସିନ୍ଦା ବିରାଜ କୁମାର ସାହୁ ଓ ନିହାରିକା ସାହୁଙ୍କ ପୁତ୍ର ଅମ୍ରିତାଂଶୁ ସାହୁ ମେନ୍ସ ଫିଜିକ କ୍ୟାଟେଗୋରୀରେ ପ୍ରଥମ, ମେନ୍ସ ଫିଜକ ଅଣ୍ଡର ୨୩ ବର୍ଗରେ ଦ୍ୱିତୀୟ, ମେନ୍ସ ଷ୍ଟ୍ରିଟମଡେଲ ବର୍ଗରେ ଦ୍ୱିତୀୟ, ମେନ୍ସ ଫିଜିକ ମୁଭି ବର୍ଗରେ ତୃତୀୟ ବିବେଚିତ ହୋଇ ନିଜ ସାହି ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। କୋଚ ଧନଞ୍ଜୟ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ କଠିନ ପରିଶ୍ରମ କରି ସେ ଏହି ସଫଳତା ହାସଲ କରିଛନ୍ତି। ଆୟୋଜକଙ୍କ ତରଫରୁ ଜୟ ଆଚାର୍ଯ୍ୟ ପୁରସ୍କାର ବିତରଣ କରିଥିଲେ। ଏହି ସଫଳତା ପାଇଁ କାଠଗଡ଼ା ସାହିବାସିନ୍ଦାଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରେନ୍‌ରୁ ନାବାଳିକା ଉଦ୍ଧାର

**କଟକ, ୯।୧୨(ସମିସ):** ଏକ ଚଳନ୍ତା ଟ୍ରେନରୁ ଜଣେ ନାବାଳିକାକୁ କଟକ ଆରପିଏଫ୍ ସ୍କ୍ୱାର୍ଡ ଉଦ୍ଧାର କରିଛି। ନାବାଳିକାର ପରିଚୟ ଓ ଠିକଣା ଅସ୍ପଷ୍ଟ ଥିବାରୁ ତାଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ କଟକ ଆରପିଏଫର ଏକ ସ୍କ୍ୱାର୍ଡ ପୁରୀ ହାୱଡା ଏକ୍ସପ୍ରେସରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଟ୍ରେନର ଏକ ବଗିରେ ଜଣେ ନାବାଳିକା ଏକୁଟିଆ ବସିଥିବା ଦେଖିବାକୁ ମିଳିଥିଲା। ନାବାଳିକାଙ୍କୁ ପଚାରିବାରୁ ସେ ସଠିକ ଉତ୍ତର ଦେଇପାରି ନ ଥିଲେ। ତାଙ୍କର ଅଭିଭାବକ ଟ୍ରେନର ଅନ୍ୟ ବଗିରେ ବସିଥିବା ଭାବି ଆରପିଏଫ ସ୍କ୍ୱାର୍ଡ ମାଇକ ଯୋଗେ ପ୍ରଚାର ସହିତ ଯାଞ୍ଚ ବି କରିଥିଲା। ମାତ୍ର କେହି ଦାବିଦାର ମିଳି ନ ଥିଲେ। ଏଭଳି ସ୍ଥିତିରେ ନାବାଳିକାକୁ କଟକ ଆରପିଏଫ ପୋଷ୍ଟର ମହିଳା ଓ ଶିଶୁ ହେଲ୍ପଡେସ୍କକୁ ଆଣି ଖାଦ୍ୟପାନୀୟର ବ୍ୟବସ୍ଥା କରାଯାଇଥିଲା। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ୧୧ ବର୍ଷୀୟ ନାବାଳିକାଙ୍କ ଘର ନୟାଗଡ଼ ଜିଲ୍ଲାରେ। ରବିବାର ସେ ଘରେ କାହାରିକୁ କିଛି ନ କହି ପୁରୀ ହାୱାଡା ଟ୍ରେନରେ ବସି ପଳାଇଆସିଥିଲେ ବୋଲି ଜଣାପଡ଼ିଛି। ସେ ତାଙ୍କର ସଠିକ ଠିକଣା କହିପାରୁନାହାନ୍ତି। ଏଣୁ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏହା ସହ ନାବାଳିକାର ପରିବାର ସହ ଯୋଗାଯୋଗ ପାଇଁ ଉଦ୍ୟମ ହେଉଥିବା ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି।

### କଟକରେ ସର୍ବଶିକ୍ଷା ଅଭିଯାନ ଦିଗହରା

# ନିଶା ଛାଡ଼ିଥିବା ୧୧ ପିଲାଙ୍କୁ ସ୍କୁଲରେ ମିଳୁନି ଜାଗା !

**କଟକ, ୯।୧୨(ସମିସ):** 'ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ' ବାର୍ତ୍ତା କେବଳ କାନ୍ଥବାଡର ତୈଳଚିତ୍ର ଆଉ ସରକାରୀ ଦପ୍ତରର ନଥି ମଲାଟରେ ସୀମିତ ରହିଗଲାଣି। ସ୍କୁଲ ଗୁଡିକର ଭିତ୍ତିଭୂମି ସୁଦୃଢ଼ ହୋଇଗଲା, ହେଲେ ପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ଏବେ ବି ଅପହଞ୍ଚ। କେଉଁ ଉପାନ୍ତ ଅଞ୍ଚଳ ନୁହେଁ ବରଂ କଟକ ସହରରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିଡାନାସୀ ମ୍ୟୁନିସିପାଲିଟି ହାଇସ୍କୁଲରେ ୧୧ଜଣ ପିଲାଙ୍କୁ ନାଁ ଲେଖିବାର ସୁଯୋଗ ମିଳୁନି। ନିଶା ଛାଡି ପାଠ ପଢ଼ି ବଡ ମଣିଷ ହେବାକୁ ଇଚ୍ଛା ରଖିଥିବା ଏହି ପିଲାମାନଙ୍କୁ ସ୍କୁଲରେ ଜାଗା ନାହିଁ ବୋଲି କହି ଫେରାଇ ଦେଇଛନ୍ତି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ। ଏଭଳି ଘଟଣା ଏବେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ପାଖରେ ପହଞ୍ଚିଛି।

ମିଳିଥିବା ଖବର ମୁତାବକ, ବସୁନ୍ଧରା ଅନୁଷ୍ଠାନ ପକ୍ଷରୁ ଏକ ନିଶାମୁକ୍ତି ଓ ଦକ୍ଷତା ବିକାଶ କେନ୍ଦ୍ର(ନବଦିଶା) ଖୋଲା ଯାଇଛି। ନିଶାମୁକ୍ତ ଶୈଶବ ଉପରେ ସଚେତନତା କାର୍ଯ୍ୟକ୍ରମ ଏବଂ ନିଶାସକ୍ତ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନବଦିଶାର ମୂଳ ଲକ୍ଷ୍ୟ। କେନ୍ଦ୍ର ପକ୍ଷରୁ ସହରର ବିଭିନ୍ନ ବସ୍ତି ଅଞ୍ଚଳରୁ



● ଶୁଣୁନାହାନ୍ତି ବିଡ଼ାନାସୀ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ
● ଡିଇଓଙ୍କ ପାଖରେ ପହଞ୍ଚିଲା ଅଭିଯୋଗ

୧୧ଜଣ ବାଳକଙ୍କୁ ଉଦ୍ଧାର କରାଯାଇଥିଲା। ଯେଉଁମାନେ କି ଅବହେଳିତ ଜୀବନ ଜିଇଁବା ସହ ନିୟମିତ ନିଶା ସେବନ କରୁଥିଲେ। ଉଦ୍ଧାର ହୋଇ ନବଦିଶା କେନ୍ଦ୍ରରେ ରହି ନିଶା ଛାଡ଼ି ସାରିଛନ୍ତି। ଏବେ ପାଠ ପଢ଼ିବାକୁ ସେମାନଙ୍କ ଅଦମ୍ୟ ଇଚ୍ଛା। ମାତ୍ର ସେମାନଙ୍କୁ ପାଠ ପଢ଼ିବାକୁ ସୁଯୋଗ ମିଳୁନାହିଁ।

ସେମାନଙ୍କ ନାମ ତାଲିକା ଧରି ନବଦିଶା କେନ୍ଦ୍ରର ସଂଯୋଜକ ନାରାୟଣ ଶୁକ୍ଳା ଗତ ସେପ୍ଟେମ୍ବର ୬ ତାରିଖରେ ସ୍କୁଲକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭେଟି ୧୧ପିଲାଙ୍କ ନାମ ଲେଖାଇବା ପାଇଁ ନିବେଦନ କରିଥିଲେ। ମାତ୍ର ସ୍କୁଲରେ ବସିବାକୁ ଜାଗା ନାହିଁ ଭଳି ଅଜବ ଉତ୍ତର ଦେଇ ଫେରାଇ ଦିଆଯାଇଥିବା ଜଣାପଡ଼ିଛି। କେନ୍ଦ୍ର ପକ୍ଷରୁ ଲିଖିତ ଭାବେ ଆବେଦନ କରାଯାଇଥିବା ବେଳେ ଏହାର ଉତ୍ତର ମଧ୍ୟ ମିଳିନାହିଁ। ଘଟଣାକୁ ଇତି ମଧ୍ୟରେ ୩ ମାସ ବିତିବାକୁ ବସିଲାଣି। ଏଣୁ କେନ୍ଦ୍ର ପକ୍ଷରୁ ବାଧ୍ୟ ହୋଇ ଡିଇଓଙ୍କ ନିକଟରେ ଅଭିଯୋଗ ହୋଇଛି। ତଥାପି କୌଣସି ସୁଫଳ ମିଳି ପାରିନାହିଁ। ୧୧ଜଣଙ୍କ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯିବ ନାହିଁ। ଏହି ଘଟଣା ବାବଦରେ ଜିଲ୍ଲାପାଳଙ୍କ ପାଖେ ମଧ୍ୟ ଅଭିଯୋଗ କରାଯିବ ବୋଲି ସଂଯୋଜକ ଶ୍ରୀ ଶୁକ୍ଳା କହିଛନ୍ତି। ଘଟଣା ସଂକ୍ରାନ୍ତରେ ଡିଇଓ ସନ୍ତୋଷ କୁମାର ରାଉତ କହିଛନ୍ତି ଯେ, ସେମାନଙ୍କ ନାମ ଲେଖା ବାବଦରେ ବିଡାନାସୀ ମ୍ୟୁନିସିପାଲିଟି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା ହୋଇଛି। ସ୍କୁଲରେ ବସିବାକୁ ଜାଗା ନାହିଁ ବୋଲି ସେ କହିଥିଲେ। ଏଣୁ ଏଭଳି ପରିସ୍ଥିତିରେ ୧୧ ପିଲାଙ୍କ ଭିତରୁ କିଛି ଜଣଙ୍କୁ ବିଡାନାସୀ ମ୍ୟୁନିସିପାଲିଟି ହାଇସ୍କୁଲ ଏବଂ ଅନ୍ୟ କିଛି ପିଲାଙ୍କୁ ନିକଟସ୍ଥ ପୁଲିସ ହାଇସ୍କୁଲରେ ନାମ ଲେଖାଯିବ ବୋଲି ଡିଇଓ ଶ୍ରୀ ରାଉତ ମତ ଦେଇଛନ୍ତି।




## ବନ୍ୟଜନ୍ତୁ ସୁରକ୍ଷା ରଥ ଉଦ୍‌ଘାଟିତ




**ଆଠଗଡ଼, ୯ ।୧୨(ସମିସ):** ଆଠଗଡ଼ ବନଖଣ୍ଡ ପକ୍ଷରୁ ଆଠଗଡ଼ ବନଖଣ୍ଡ ଅଧୀନ ଆଠଗଡ଼ ଓ ଖୁଣ୍ଟୁଣୀ ରେଞ୍ଜ ଅଞ୍ଚଳରେ ସୋମବାର ବନ୍ୟଜନ୍ତୁ ସୁରକ୍ଷା ରଥ ଉଦ୍‌ଘାଟିତ ହୋଇଯାଇଛି । ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ସହକାରୀ ବନସଂରକ୍ଷକ ନୀଳମାଧବ ସାହୁ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏଥିରେ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ସହିତ ଚାଷୀମାନଙ୍କୁ ବନ୍ୟପ୍ରାଣୀମାନଙ୍କ କବଳରୁ ନିଜର ଫସଲ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ଆଠଗଡ଼ ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ସ୍ୱାଭିମାନ ଦିବସ



**ଆଠଗଡ଼, ୯ ।୧୨(ସମିସ):** ଗତ ୨୦୦୯ ମସିହାରେ ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଟିକେଟ କଟିବା ପରେ ସେ ଏହି ମାମଲାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଜୟ ଲାଭ କରିବା ପରେ ଆଠଗଡ଼ ବିଜେଡି ପକ୍ଷରୁ ଆଜିର ଦିନକୁ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଠଗଡ଼ ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ସୋମବାର ୧୩ତମ ସ୍ୱାଭିମାନ ଦିବସ ପାଳିତ ହୋଇଛାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ବିଜୁ ଜନତା ଦଳ, ଆଠଗଡ଼ କାର୍ଯ୍ୟାଳୟ ଠାରୁ ବାହାରି ଆଠଗଡ଼ ସହର ପରିକ୍ରମା କରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିଥିଲା । ଏହି ଅବସରରେ ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏକତା ମଞ୍ଚର ସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ରୂପେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ମୁଖ୍ୟବକ୍ତାରୂପେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ଯୋଗଦେଇଥିଲେ । ଆଠଗଡ଼ ଓକିଲ ସଂଘର ସଭାପତି ସତ୍ୟେନ ପଣ୍ଡା ମଞ୍ଚ ପରିଚାଳନା ତଥା ସଂଯୋଜନା କରିଥିବା ବେଳେ ଓକିଲ ସଂଘର ପ୍ରାକ୍ତନ ସଭାପତି ବିନୟ ଶୁକ୍ଲା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟିଗିରିଆ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ସମାଜସେବୀ ନିରାକାର ଲେଙ୍କା, ସୁପ୍ରିମକୋର୍ଟର ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ସମେତ ଆଠଗଡ଼-ଟିଗିରିଆ ବ୍ଲକ ଓ ଆଠଗଡ଼ ଏନଏସି ଅଞ୍ଚଳର ବହୁ ଜନସାଧାରଣରେ ଯୋଗଦେଇଥିଲେ ।

## କନ୍ଦରପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ଆଠଗଡ଼, ୯ ।୧୨(ସମିସ):** ମୁଣ୍ଡଳୀ ଠାରୁ ଆଠଗଡ଼ ଭାୟା କନ୍ଦରପୁର ରାସ୍ତାରେ ସୁରକ୍ଷା ଫଳକ ବ୍ୟବସ୍ଥା, ଦୁର୍ଘଟଣା ପ୍ରବଣ ସଂଯୋଗ ରାସ୍ତାର ସଯୋଗସ୍ଥଳକୁ ଆବଶ୍ୟକ ଅନୁଯାୟୀ ଉଚ୍ଚା ଓ ଓସାର ସହ କଂକ୍ରିଟ କିମ୍ବା ପିଚୁରେ ତିଆରି କରିବା, ଦ୍ରୁତଗତି ନିୟନ୍ତ୍ରଣ ପାଇଁ ମୁଖ୍ୟ ସଡକର କଲୋନୀ ସାହି ଖେଳପଡ଼ିଆ ଛକ, ଟାଙ୍ଗିସାହି ମୁଖ୍ୟଛକ, ବାଲିଆ ପଠା, ପାଟକୁଳ ରାସ୍ତା, ନଣ୍ଡାଇଲେ ଗ୍ରାମ୍ୟ ସଂଯୋଗ ରାସ୍ତା, ରାଉତରାପୁର ମୁଣ୍ଡିଆ



ଉପର ସଂଯୋଗୀ ରାସ୍ତା, ଶ୍ମଶାନ ମୋଡ ରାସ୍ତାର ଉଭୟ ପାର୍ଶ୍ୱରେ ଗତିରୋଧକ ବ୍ୟବସ୍ଥା ସହ ଉଜ୍ଜ୍ୱଳ ସୂଚନା ଫଳକ ବ୍ୟବସ୍ଥା, ମୁଖ୍ୟରାସ୍ତାର ଟାଙ୍ଗିସାହି ପଞ୍ଚାୟତ ସଂଯୋଗ ଛକର ବସଷ୍ଟାଣ୍ଡକୁ ଅଧିକ ପ୍ରଶସ୍ତ କରିବା, ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ତଥା ବୁଲାଣିମାନଙ୍କରେ ରାସ୍ତାକୁ ଝୁଲିପଡ଼ିଥିବା ଗଛଲତାକୁ ସଫା, ଆବଶ୍ୟକସ୍ଥଳରେ ମୋଡ ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ତଥା ରିଫ୍ଲେକ୍ଟର ବୋର୍ଡ ବ୍ୟବସ୍ଥା, କନ୍ଦରପୁର-ଆଠଗଡ଼ ରାସ୍ତାକୁ ତୁରନ୍ତ ମରାମତି କରିବା ସହ ଚଳିତ ମାସ ୪ତାରିଖରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇ ନାବାଳକଙ୍କ ପରିବାରକୁ ଦଶ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଆଦି ୮ ଦଫା ଦାବି ନେଇ ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମର ଶହ ଶହ ଜନସାଧାରଣ ଆଜି ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ମୁଣ୍ଡଳୀ-ଆଠଗଡ଼ ରାସ୍ତାଦେଇ ଦୈନନ୍ଦିନ ହଜାର ହଜାର ଗାଡିମୋଟର କଟକ, ଭୁବନେଶ୍ୱରକୁ ଯାତାୟାତ କରୁଥିଲେ ହେଁ ଏହି ରାସ୍ତାରେ ଲାଗିରହିଥିବା ସମସ୍ୟା ତଥା ଗାଡିମୋଟର ଚାଳକମାନଙ୍କ ଅସାବଧାନତାରୁ ପ୍ରତ୍ୟେହ ନୀରିହ ଜନସାଧାରଣଙ୍କ ବ୍ୟାପକ ଧନଜୀବନ ନଷ୍ଟ ହେଉଛି । ଏହି ରାସ୍ତାର ଆଶୁ ମରାମତି ତଥା ମୃତକ ପରିବାରକୁ ସରକାରୀ ସହାୟତା ନେଇ ଆଜି କନ୍ଦରପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## କାନ୍ଥ ପଡ଼ି ଶ୍ରମିକ ମୃତ୍ୟୁ ଘଟଣା

# ଶ୍ରମିକଙ୍କ ଶବ ରଖି ରାସ୍ତାରୋକ



- ସିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦିଆଯିବ ଏତଲା
- ବିନା କାର୍ଯ୍ୟାଦେଶରେ ଦିଆଯାଇଥିଲା କାମ
- ଘଟଣାକୁ ଚପାଇଦେବା ପାଇଁ ମସୁଧା
- ଉପଯୁକ୍ତ କ୍ଷତିପୂରଣ ଦାବିକଲା ମୃତକଙ୍କ ପରିବାର
- ବାରପଥର ଛକରେ ଉତ୍ତେଜନା; ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ

କଟକ, ୯ ।୧୨(ସମିସ)

ମହାନଗର ନିଗମ ଅନ୍ତର୍ଗତ ବିଡ଼ାନାସୀରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଗତକାଲି ଏକ ପାଚେରୀ ଭୁଶୁଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଆଜି ଏସ୍‌ସିବିରେ ମୃତ ଶ୍ରମିକ ଶଙ୍କର(୨୬)ଙ୍କର ଶବ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ଘର ବକ୍ସିବଜାର ପେନସନ ଲେନ୍ ଅଞ୍ଚଳର ଗୋଦାମ ଗଳିକୁ ଅଣାଯାଇଥିଲା । ଏହାପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ସତୀଚଉରା ଶ୍ମଶାନକୁ ଶବ ସତ୍କାର ପାଇଁ ନେବା ବେଳେ ବାରପଥର ଛକରେ ଶବ ରଖି ରାସ୍ତାରୋକ କରିଥିଲେ । ଉପଯୁକ୍ତ କ୍ଷତିପୂରଣ ଓ ମୃତକଙ୍କ ପତ୍ନୀଙ୍କୁ ରୋଜଗାର ଯୋଗାଇଦେବା ସହିତ ଅସହାୟ ୪ଟି ପିଲାଙ୍କୁ ପାଠ ପଢ଼ିବା ଓ ରହିବା ପାଇଁ ବ୍ୟବସ୍ଥା କରିବା ଦାବିରେ ରାସ୍ତାରୋକ କରାଯାଇଥିଲା । ପ୍ରଶାସନ ପକ୍ଷରୁ ମାତ୍ର ୩୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ମୃତକଙ୍କ ସମ୍ପର୍କୀୟ ଓ ପରିବାର ସନ୍ତୁଷ୍ଟ ନ ଥିବା ପ୍ରକାଶ କରି ରାସ୍ତା ଉପରେ ଧାରଣାରେ ବସି ରହିଥିଲେ । ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ପୁଲିସ ସହିତ ସ୍ଥାନୀୟ ଜନସାଧାରଣଙ୍କ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କ୍ୟାଣ୍ଟନମେଣ୍ଟ ଥାନା ଓ ଦରଘାବଜାର ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଶେଷରେ ସତୀଚଉରା ଶ୍ମଶାନରେ ଶବ ସତ୍କାର କରାଯାଇଥିଲା ।

ଘଟଣା ସମ୍ପର୍କରେ ସିଏମ୍‌ସି କମିଶନର ଅନାମଚରଣ ପାତ୍ର ମୃତକଙ୍କ ପରିବାରକୁ ଭେଟି ପ୍ରାଥମିକ ସହାୟତା ଭାବେ ୩୪ ହଜାର ଟଙ୍କା ପ୍ରଦାନ କରିଛନ୍ତି । ତେବେ ଅଧିକ କ୍ଷତିପୂରଣ ଓ ବିଧବା ପତ୍ନୀଙ୍କୁ ରୋଜଗାର ଯୋଗାଇଦେବା ସଂପର୍କରେ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି ଏବଂ ପିଲାଙ୍କୁ ପାଠ ପଢ଼ିବା ଓ ରହିବା ପାଇଁ ଅନାଥ ଆଶ୍ରମରେ ରଖାଯିବ ବୋଲି କମିଶନର ଶ୍ରୀ ପାତ୍ର କହିଛନ୍ତି । ଅନ୍ୟ ପଟେ ବିଡ଼ାନାସୀରେ ହେଉଥିବା ଡ୍ରେନ୍ ନିର୍ମାଣ କାମରେ ରହିଥିବା ତ୍ରୁଟିର ତଦନ୍ତ ଦାୟିତ୍ୱ ମହାନଗର ନିଗମର ଅତିରିକ୍ତ କମିଶନର ଓ ଅନ୍ୟ ୨ ଅଧିକାରୀଙ୍କୁ ଦିଆଯାଇଛି । ରିପୋର୍ଟ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଯେଉଁ ଡ୍ରେନ୍ ବିଡ଼ାନାସୀ ଠାରେ ନିର୍ମାଣ ହେଉଥିଲା, ତାହାକୁ ନେଇ ବିବାଦ ଆରମ୍ଭ ହୋଇଛି । ଟେଣ୍ଡର୍ କିମ୍ବା କୌଣସି କାଗଜପତ୍ର ନ ଥାଇ ମନ ଇଚ୍ଛାରେ ନିର୍ମାଣ କାର୍ଯ୍ୟ କରାଯାଉଥିଲା । ନିର୍ମାଣ ଶେଷ ହେବା ପରେ ଅଫଲାଇନ୍‌ରେ ଟେଣ୍ଡର୍ ଫିକ୍ସିଂ କରାଯାଇ ଲକ୍ଷାଧିକ ଟଙ୍କା ଅର୍ଥ ହଡ଼ପ ହେଉଥିବା ଅଭିଯୋଗ ଉଠିଛି । ବିନା କାର୍ଯ୍ୟାଦେଶରେ ବିଡ଼ାନାସୀ ଠାରେ ଲକ୍ଷାଧିକ ଟଙ୍କାର ନିର୍ମାଣ କାର୍ଯ୍ୟ ଠିକାଦାର କିଭଳି କରୁଥିଲେ, ତାହା ସନ୍ଦେହ ସୃଷ୍ଟି କରିଛି । ସିଏମ୍‌ସି କର୍ତ୍ତୃପକ୍ଷ ଏହି ଘଟଣାକୁ ଚପାଇ ଦେବା ପାଇଁ ମସୁଧା କରୁଥିବା ଅଭିଯୋଗ ହେଉଛି ।

ପ୍ରକାଶ ଥାଉ କି, ବିଡ଼ାନାସୀ ଠାରେ ହେଉଥିବା ଡ୍ରେନ୍ ନିର୍ମାଣ ପାଇଁ ମହାନଗର ନିଗମ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ । ମନଇଚ୍ଛାରେ ସମ୍ପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟ ଚଳାଇଥିଲେ । ଗତକାଲି ଠାରୁ ସମ୍ପୃକ୍ତ ଠିକାଦାର ଓ ସୁପରଭାଇଜର୍ ଫେରାର୍ ହୋଇଯାଇଛନ୍ତି । ମହାନଗର ନିଗମ ପକ୍ଷରୁ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି ସୂଚନା ମିଳିଛି । ଗତକାଲି ଘଟଣାସ୍ଥଳରେ ସମୁଦାୟ ୫ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ । କୌଣସି ଶ୍ରମିକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା । ନିର୍ମାଣଧୀନ ଡ୍ରେନ୍ କଡ଼ରେ ଥିବା ପୁରାତନ ପାଚେରୀଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ୨ଜଣ ଶ୍ରମିକ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ୨ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଥିବା ବେଳେ ସେଠାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା । ଆହତ ଶ୍ରମିକ ଏବେ ଏସ୍‌ସିବିରେ ଚିକିତ୍ସାଧୀନ ରହିଥିବା ଜଣାପଡ଼ିଛି ।

## ଇପିଏଫ୍ ପେନ୍‌ସନର୍ସ ସଂଘର କାର୍ଯ୍ୟକାରିଣୀ ବୈଠକ

**କଟକ, ୯।୧୨(ସମିସ):** ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଗତକାଲି କଟକ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ



ହୋଇଯାଇଛି । ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, କେନ୍ଦୁଝର ଓ ଦେବଗଡ଼ ପ୍ରଭୃତି ଜିଲ୍ଲାମାନଙ୍କରୁ ରାଜ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସର୍ବନିମ୍ନ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନ କରିବା ଦ୍ୱାରା ଓଡ଼ିଶା ସହ ସାରା ଦେଶର ୮୦ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ ପେନସନଧାରୀ ବରିଷ୍ଠ ନାଗରିକଙ୍କ ପ୍ରତି କେନ୍ଦ୍ରସରକାରଙ୍କ କ୍ରମାଗତ ଅବିଚାର ଓ ଅବହେଳା ବାବଦରେ ଉପସ୍ଥିତ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ କର୍ତ୍ତୃପକ୍ଷ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଘୋର ନିନ୍ଦା ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ଏତାଦୃଶ ବୈମାତୃକ ମନୋଭାବ ପାଇଁ ଚଳିତ ମାସ ୧୮ ତାରିଖରେ ଦିଲ୍ଲୀ ଯନ୍ତରମନ୍ତର ଠାରେ ଜାତୀୟ ଇପିଏଫ ପେନସନର୍ସ ସଂଗଠନଙ୍କ ଦ୍ୱାରା ଆହୁତ ଜନଆକ୍ରୋଶ ସମାବେଶରେ ଓଡ଼ିଶାରୁ ଶତାଧିକ ପେନସନର ଯୋଗଦେବା ପାଇଁ ସ୍ଥିର କରାଗଲା । କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଜାତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ୨୪ ଜଣ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ ।

## ଫେବୃଆରୀ ୧୦ରୁ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ



**କଟକ, ୯।୧୨(ସମିସ):** କଟକ ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣନିମନ୍ତେସାମୁହିକଔଷଧସେବନଲାଗିସମନ୍ୱୟକମିଟି ବୈଠକ ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃଆରୀ ମାସ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ବାତଜ୍ୱରର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲୁରହିବ । ଏହି କାର୍ଯ୍ୟକ୍ରମ କେବଳ ଆଠଗଡ଼, ତିଗିରିଆ, ସୁବର୍ଣ୍ଣପୁର, ବଡମ୍ବା ଏବଂ ସାଲେପୁର ବ୍ଲକରେ କାର୍ଯ୍ୟକାରୀ ହେବ । ଏଥିରେ ସମୁଦାୟ ୭ଲକ୍ଷ ୩୯ ହଜାର ୮୭୧ ଜନସାଧାରଣଙ୍କ ପାଇଁ, ୨୯୫୭ ଜଣ ଔଷଧ ସେବନକାରି କର୍ମୀ, ୨୯୬ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ । ଏହିସବୁ ବ୍ଲକରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଔଷଧ ଖାଇପାରିବେ ତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ ହୋତା ଯୋଗଦେଇ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ମିଳିମିଶି କାମ କଲେ ଜିଲ୍ଲାକୁ ସମ୍ପୂର୍ଣ୍ଣ ବାତଜ୍ୱର ମୁକ୍ତ କରାଯାଇପାରିବ ବୋଲି କହିଥିଲେ । ଏହି ଔଷଧ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଘରକୁ ଘର ବୁଲି ତଥା ସ୍କୁଲ କଲେଜ ଓ ଅନ୍ୟ ଅନୁଷ୍ଠାନଙ୍କୁ ଯାଇ ଫାଇଲେରିଆ ବଟିକା ଖୁଆଇବେ । ତେବେ ଏହି ବଟିକା ସେବନ ପୂର୍ବରୁ ଖାଦ୍ୟ ଖାଇବା ସୁନିଶ୍ଚିତ କରିବା ଆବଶ୍ୟକ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତୃପ୍ତିରାଣୀ ନାୟକ ଜିଲ୍ଲାରେ ଫାଇଲେରିଆ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ରାଜ୍ୟରୁ ଆସିଥିବା ଜଏଣ୍ଟ ଡାଇରେକ୍ଟର ଡା. ଶୁଭାଶିଷ ମହାନ୍ତି ଫାଇଲେରିଆ ପ୍ରବଣ ଗାଁ ମାନଙ୍କରେ ଓ ସହରାଞ୍ଚଳରେ କିପରି ସଚେତନତା କାର୍ଯ୍ୟକ୍ରମ କରି ସମସ୍ତ ଲୋକ ଔଷଧ ଖାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ।

## କର୍କଟ ସଚେତନତା କାର୍ଯ୍ୟକ୍ରମ

**କଟକ, ୯ ।୧୨(ସମିସ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ କଟକ ମହାନଦୀ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ତନ କର୍କଟ ଓ ଗର୍ଭାଶୟ କର୍କଟ ରୋଗର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜର ଅଧ୍ୟକ୍ଷା ପ୍ରଫେସର ଡଃ ବିଚିତ୍ରା ପାଣି ଅଧ୍ୟକ୍ଷତା କରିଥିଲେ । ଡାକ୍ତର କ୍ଷିତିଶଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଗର୍ଭାଶୟ



ଓ ସ୍ତନ କର୍କଟର ନିରାକରଣ ଓ ଲକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ୍ +୩ ଶାଖାର ଭାରପ୍ରାପ୍ତ ଅଧିକାରୀ ଡଃ ଗାୟତ୍ରୀ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରୋଟାରୀ କ୍ଲବ୍‌ର ସଭାପତି ସି ଭାଗ୍ୟଶ୍ରୀ, ସମ୍ପାଦକ ମହେନ୍ଦ୍ର ମିଶ୍ର, ଡଃ ମେନେକାରାଣୀ ସାହୁ ଓ ପ୍ରତିଭାରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସୁରଥ ରାଉତଙ୍କୁ 'ଗୁରୁ ଗୌରବ' ସମ୍ମାନ

**ନିଶ୍ଚିନ୍ତକୋଇଲି, ୯।୧୨(ସମିସ):** ବିଶିଷ୍ଟ ସାରସ୍ୱତ ସାଧକ, ପରିବେଶବିତ ତଥା ଆଦର୍ଶ ଶିକ୍ଷକ ସୁରଥ କୁମାର ରାଉତଙ୍କୁ ମହେଶ୍ୱର ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି । ସମାଜସେବା ଓ ଶିକ୍ଷକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାହାଙ୍ଗା ବ୍ଲକ ଅଧିନ ଓସ୍ତପୁର ଠାରେ ଥିବା ମହେଶ୍ୱର ପ୍ରତିଭା ପରିଷଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ଦିଆଯିବା ପାଇଁ ମନୋନୀତ କରାଯାଇଥିଲା । ସଂସଦର ସଭାପତି ରବୀନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱ ଓ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ କବି ମହେନ୍ଦ୍ର ଘଡ଼େଇ, ସମ୍ମାନୀତ ଅତିଥି ଭାବେ କବି ସଚ୍ଚିଦାନନ୍ଦ ମିଶ୍ର, କବି ଗୌତମ ଜେନା, ଶିଶୁ ସାହିତ୍ୟିକ ଭକ୍ତଚରଣ ସାହୁ ଯୋଗଦେଇ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି, ୯।୧୨(ସମିସ):** ଅସୁରେଶ୍ୱର ପଞ୍ଚାୟତ ପୁରଂଶ ଗ୍ରାମର ଆଦର୍ଶ ଶିକ୍ଷକ, ସମାଜସେବୀ ତଥା ପୂର୍ବତନ ସମିତିସଭ୍ୟ ତପନ କୁମାର ସିଂ (୬୮)ଙ୍କ ବାସଭବନରେ ପରଲୋକ ହୋଇଛି । ମୃତ୍ୟୁଖବର ପ୍ରଚାରିତ ହେବା ପରେ ଏ ଅଞ୍ଚଳର ଶହ ଶହ ଛାତ୍ରଛାତ୍ରୀ, ଜନସାଧାରଣ, ରାଜନେତା ଓ ତାଙ୍କ ସହଯୋଗୀମାନେ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଅସୁରେଶ୍ୱର ବଜାର, ଅଣସରପୁର, କୂଳଗାଁଇଶାଳୋ, ଦୀକ୍ଷିତପଡ଼ା ଆଦି ଗ୍ରାମକୁ ପରିକ୍ରମା କରାଯାଇ ନିଜ ବାଡ଼ିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମୃତ୍ୟୁଶଯ୍ୟା ନିକଟରେ ଭାଇ ସାମ୍ବାଦିକ ସୀତାନାଥ ସିଂ, ସାମ୍ବାଦିକ ସରୋଜ ସିଂ, ସରପଞ୍ଚ ଗୌତମୀ ଦାସ, ସମିତିସଭ୍ୟ ହିମାଦ୍ରୀ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ରଶ୍ମିତା ସେଠୀ, ଅନନ୍ତ କୁମାର ସିଂ, ମହେନ୍ଦ୍ର ସାହାଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଜ୍ୟେଷ୍ଠ ପୁତ୍ର ସନ୍ଦୀପ କୁମାର ସିଂ ମୁଖାଗ୍ନୀ ଦେଇଥିଲେ ।

## ଶ୍ରୀଜଗନ୍ନାଥ କଥା ଶିକ୍ଷା ଶିବିର ଉଦ୍‌ଯାପିତ

କଟକ, ୯।୧୨(ସମିସ)

ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଶ୍ରୀଜଗନ୍ନାଥ କଥା ଶିକ୍ଷା ଶିବିର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ସକାଳୁ ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ଉପସ୍ଥିତ ଚାରଣମାନେ ସର୍ବପ୍ରଥମେ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ଭଗବତ ଗୀତା ଏବଂ ହନୁମାନ ଚାଳିଶା ପାଠ କରିଥିଲେ । ପରେ ପରେ ଛାତ୍ରଛାତ୍ରୀଙ୍କୁ ନେଇ 'ଭକ୍ତି ଭକ୍ତ ଓ ଶ୍ରୀଜଗନ୍ନାଥ' ବିଷୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସୁନାମଧନ୍ୟ ଚିତ୍ରଶିଳ୍ପୀ ରବି ନାରାୟଣ ରଥ, ପ୍ରଣବ ଅଖଣ୍ଡ ଏବଂ ପ୍ରବୋଧ କୁମାର ସାହୁ ଚିତ୍ରାଙ୍କନ ପ୍ରତିଯୋଗିତାର ମୂଲ୍ୟାୟନ କରି ଶ୍ରେଷ୍ଠ ଛଅ ଜଣଙ୍କୁ ମନୋନୀତ କରିଥିଲେ ଏବଂ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୂଲ୍ୟାୟନ କରିଥିବା ଚିତ୍ରଶିଳ୍ପୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଶ୍ରୀମନ୍ଦିର ପୁରୀର ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଗୋପାଳ ଖୁଣ୍ଟିଆ, ଡ. ଶରତ ମହାନ୍ତି ଏବଂ ସ୍ୱାମୀ ଭକ୍ତିବିଜ୍ଞାନ ଅକିଞ୍ଚନ ମହାରାଜଙ୍କ କରକମଳରେ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶତାଧିକ ଛାତ୍ରଛାତ୍ରୀଙ୍କୁ ଶ୍ରୀଜଗନ୍ନାଥ ଶିକ୍ଷା ପ୍ରଦାନ କରାଯାଇଥିଲା । ଏହାପରେ ଏକ ଡିଜିଟାଲ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଲିଖିତ ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୧୨ ଜଣ ଶେଷ ପର୍ଯ୍ୟାୟରେ ଉପନୀତ ହେଉଥିବାବେଳେ ଦେବଦଳନ ଗ୍ରୁପର ୪ଜଣ ଉତ୍ତମ ଭାବେ ପ୍ରଶ୍ନର ଉତ୍ତର ରଖି ଶ୍ରେଷ୍ଠ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ଅବସରରେ 'ଆମ ପ୍ରଣାମ' ଆଧ୍ୟାତ୍ମିକ ପତ୍ରିକାର ଉନ୍ମୋଚନ ହୋଇଥିଲା । ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରେ ଏହିଭଳି କାର୍ଯ୍ୟକ୍ରମ ହେଉଛି ଯାହାଦ୍ୱାରା ସମାଜରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଆଧ୍ୟାତ୍ମିକ ଜୀବନଧାରାରେ ନିଜକୁ ଗଢିପାରିବେ । ଏହି ଦୁଇଦିନିଆ ମୋ ଜଗନ୍ନାଥ କାର୍ଯ୍ୟକ୍ରମର ସଭାପତି ଡ. ପ୍ରଭୁ ଚରଣ ମହାନ୍ତି, ସମ୍ପାଦକ ସମୀର ପରିଜା, ବରିଷ୍ଠ ଚାରଣ ବସନ୍ତ ସେଠୀ, ମୁଖପତ୍ର ସମ୍ପାଦକ ପଣ୍ଡିତ ଗଣେଶ୍ୱର ପରିଡ଼ା, ଉପଦେଷ୍ଟା ଲିଙ୍ଗରାଜ ପତି, ଡ. ଅଜୟ ମିଶ୍ର, ବିଧାନସଭା ସଚିବ ଦାଶରଥି ଶତପଥି, ସିଦ୍ଧାର୍ଥ ପ୍ରାର୍ଥନା ଟିଭିର ମୁଖ୍ୟ ଶ୍ରୀମନ୍ତ ପଣ୍ଡା, ଚିକିତ୍ସକ ଡ. ଦେବାଶିଷ ଜ୍ୟୋଷ୍ଠୀ, ସାମ୍ବାଦିକ ସଞ୍ଜୟ ଶତପଥି, ଚାରଣ ଡ. ରବୀନ୍ଦ୍ର ଜେନା, ଯୋଗଗୁରୁ ନାରଣ ବେହେରା ସମେତ ବହୁ ଅତିଥି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ମାଆ ଧାକୁଲେଇ ପୀଠର ସମ୍ପାଦକ ପ୍ରମୋଦ ସ୍ୱାଇଁ, ସଭ୍ୟ ବାଦଲ ଜେନା ସମେତ କମିଟିର ସମସ୍ତ ସଭ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ବହୁତ ଶୃଙ୍ଖଳିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସେବାଦଳ ମୁଖ୍ୟ ଗଣେଶ୍ୱର ବେହେରା, ରୀନା ବେହେରା, ସଞ୍ଜୟ ରାଉତ, ଦେବବ୍ରତ ସିଂହ, ତରଣୀସେନ ଲେଙ୍କା, ସୁଶାନ୍ତ ନାୟକ, ସୁକାନ୍ତ ପ୍ରଧାନ, ସୁଶୀଲ ବେହେରା, ଚନ୍ଦ୍ରକାନ୍ତ ବସ୍ତିଆ, ମୋହନ ସ୍ୱାଇଁ, ଅବିନାଶ ରାଉତ, ସନ୍ତୋଷ ନାୟକ, ତପନ ସାହୁ, ପ୍ରଶାନ୍ତ ପରିଡ଼ା, ଆଲୋକ ରାଉତ, ସୁଶୀଲ ବେହେରା, ଶ୍ରୀନିବାସ ପଟ୍ଟନାୟକ, ଦୁଷ୍ମନ୍ତ ସେନାପତି, ସୁକାନ୍ତ ପ୍ରଧାନ, ସମୀର ଦାସ ସମେତ ଧାକୁଲେଇ ଗ୍ରାମ ପୂଜା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ରାଜକନିକା ଚାମ୍ପିଅନ

**ନିଶ୍ଚିନ୍ତକୋଇଲି, ୯।୧୨(ସମିସ):** ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଗଡ଼ିଜଙ୍ଗ ଖେଳପଡ଼ିଆ ଠାରେ ଆଜାର ଅଲ୍ଲୀ ଓ ସେକ୍ ନୌସାର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି । ଏଥିରେ ମୋଟ୍ ୮ ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଚୂଡ଼ାନ୍ତ ଖେଳରେ ରାଜକନିକା ଫୁଟବଲ କ୍ଲବ ୫-୪ ଗୋଲରେ କ୍ରୀଷ୍ଣାନନ୍ଦପୁର ଫୁଟବଲ ଟିମକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଉଦଯାପନୀ ଉତ୍ସବରେ ସେକ୍ ରିଜୁୱାନ୍ ଅଲ୍ଲୀଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା,




ସମ୍ମାନୀତ ଅତିଥି ଭାବେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଭିନେତ୍ରୀ ସୋଫିଆ ଆଲମ୍ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଯୁବନେତା ଜାକିର ଖାଁ, ମନୋଜ ସେଠୀ, ନିତ୍ୟାନନ୍ଦ ସେଠୀ, ଜିଲ୍ଲାପରିଷଦ ଭୂପତିଭୂଷଣ ଷଣ୍ଢ, ସମାଜସେବୀ ହିମାଂଶୁଶେଖର ମହାନ୍ତି, ସରପଞ୍ଚ ଲଳିତେନ୍ଦୁ ବିଶୋଇ ପ୍ରମୁଖ ଅତିଥିଭାବେ ଯୋଗଦାନ କରି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ । ସୋଫିଆନ୍ ଅଲ୍ଲୀ, ବିକ୍ରାନ ଅଲ୍ଲୀ, ରିହାନା ଅଲ୍ଲୀ, ସେକ୍ ନୌସାର ହୁସେନ୍, ଗଙ୍ଗାଧର ସାହୁ, ଭିକାରୀ ସେଠୀ, ପିୟୂଷ ରଞ୍ଜନ ଦାସ, କେଶବଚନ୍ଦ୍ର ଲାଲା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

### ମାହାଙ୍ଗା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି

# ୨୮୬ଟି ଆପତ୍ତି ଅଭିଯୋଗ ଗ୍ରହଣ



ମାହାଙ୍ଗା, ୯।୧୨(ସମିସ): ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି କଟକ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଯୋଗଦେଇ ୨୮୬ଟି ଜନଅଭିଯୋଗ ଗ୍ରହଣ କରି ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଆବାସ ଯୋଜନାରେ ୧୦୪, ଯୋଗାଣ ବିଭାଗରେ ୪୮, ଭତ୍ତା ୩୫, ତହସିଲ ସମ୍ବନ୍ଧୀୟ ୧୪, ସୁଭଦ୍ରା ୯, ବ୍ୟକ୍ତିଗତ ୨୩୫ ଏବଂ ସାମୁହିକ ୫୧ଟି ଅଭିଯୋଗ ମଧ୍ୟରୁ ୧୯୫ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ଏଥିରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତ୍ସ୍ନା ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ ହୋତା, ପିଡି ସୁବାଷ ଚନ୍ଦ୍ର ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ପାନୀୟ ଜଳ ଓ ପରିମଳ ବିଭାଗ ଏସଡିଓ ଜ୍ୟୋତିରଞ୍ଜନ ଦାସ, ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ ଜେନା, ତହସିଲଦାର ସୁଶାନ୍ତ ମିଶ୍ର, ଆଇଆଇସି ତପନ ରାଉତ, ଭାରପ୍ରାପ୍ତ ଏବିଡିଓ କଳ୍ପତରୁ ମଙ୍ଗରାଜ, ଯୋଗାଣ ନୀରିକ୍ଷିକା ଇତିଶ୍ରୀ ଜେନା, ସିଡିପିଓ ଗୁରୁବାରୀ ସିଂହ, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତନୁସ୍ମିତା ବିନ୍ଧାଣୀ, ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ବିଇଓ ଚକ୍ରଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହିଥିବାବେଳେ ବ୍ଲକର ସମସ୍ତ ବିଭାଗର ଅଧିକାରୀମା ଉପସ୍ଥିତ ରହିଥିଲେ।

### ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

## ୧୫ ଦିନ ମଧ୍ୟରେ ଉନ୍ନତିକରଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ମାହାଙ୍ଗା, ୯।୧୨(ସମିସ): ଆଜି ଅଚାନକ ମାହାଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ହଠାତ୍ ପରିଦର୍ଶନରେ ପହଁଚିଥିଲେ। ସେଠାରେ ଥିବା ରୋଗୀଙ୍କ ଠାରୁ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିବା ସହ ପୂର୍ବ ସରକାର ସମୟରେ ୫-ଟି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ଉନ୍ନତିକରଣ କାର୍ଯ୍ୟ ଏବେ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏ ନେଇ ଏହି ଉନ୍ନତିକରଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ୧୫ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହା କରା ନ ଯାଏ ସମ୍ପୃକ୍ତ ଠିକା ସଂସ୍ଥା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ ହୋତା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରୟାଗ ଚାନ୍ଦଙ୍କ ସମେତ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।



ରୋଗୀଙ୍କଠାରୁ ପଚାରି ବୁଝିଲେ ସ୍ୱାସ୍ଥ୍ୟସେବା

## କୂଅ ଭିତରୁ ଗାଈ ଉଦ୍ଧାର

ତ୍ରିଶୂଳିଆ, ୯।୧୨(ସମିସ): ନରାଜ ତଳଗଡ଼ସ୍ଥିତ ଫାଇରିଂ ରେଞ୍ଜ ନିକଟରେ ଥିବା ପରିତ୍ୟକ୍ତ କୂଅରୁ ସୋମବାର ଦିନ ଏକ ବୁଲା ଗାଈକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ସୋମବାର ପୂର୍ବାହ୍ନରେ ଭୁବନେଶ୍ୱର କଟକ କମିସନରେଟର କିଛି ଯବାନ ତଳଗଡ଼ ଫାଇରିଂ ରେଞ୍ଜକୁ ଫାଇରିଂ ପରୀକ୍ଷଣ ପାଇଁ ଆସିଥିଲେ। ଏହି ସମୟର ପରିତ୍ୟକ୍ତ କୂଅରେ ଗାଈଟି ପଡ଼ିଥିବାର ଦେଖି ଯବାନମାନେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଅଧିକାରୀ ଭିମସେନ ଲେଙ୍କାଙ୍କ ନେତୃତ୍ୱରେ ଏକ ୬ଜଣିଆ ଦଳ ଦଳ ଆସି କୂଅ ଭିତରୁ ଗାଇଟିକୁ ଉଦ୍ଧାର କରିଥିଲେ।

## ପରିବେଶ ସୁରକ୍ଷା ଅଭିଯାନ କର୍ମଶାଳା



ଟାଙ୍ଗୀ, ୯।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଅଭିଯାନ ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରାକୃତିକ ତରଳ ଖତ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଉପସଭାପତି ପ୍ରଫେସର କଲ୍ୟାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଅନୁଷ୍ଠାନର ଆଜୀବନ ସଦସ୍ୟା ତଥା ବାଇଓ ଏଞ୍ଜାଇମ ଏଣ୍ଟରପ୍ରିନ୍ୟୁରସ ଏକାଡେମୀ ଅଫ ଇଣ୍ଡିଆର କୋ-ଚେୟାରମ୍ୟାନ ଶାରଦା ଭାରତୀ, ସମ୍ପାଦକ ରଘୁନାଥ ପୃଷ୍ଟି ଓ କୋଷାଧ୍ୟକ୍ଷା ନମିତା ମହାପାତ୍ର ପ୍ରମୁଖ ଯୋଗଦାନ କରି ପରିବେଶ ସୁରକ୍ଷା ନିମନ୍ତେ ପ୍ରାକୃତିକ ତରଳ ଖତ ପ୍ରସ୍ତୁତିରେ ମହିଳାଙ୍କ ଅର୍ଥନୀତି ବୃଦ୍ଧି ଉପରେ ତାଲିମ ପ୍ରଦାନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୋଜିକା ପ୍ରଭାସିନୀ ରାଉତ ସହଯୋଗ କରିଥିବାବେଳେ ସ୍ଥାନୀୟ ସଂଗଠକ ଶରତଚନ୍ଦ୍ର ଧଳ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ।

## କଲେଜ କ୍ୟାଣ୍ଟିନ ପରିଚାଳକ ସମ୍ମାନିତ



କଣ୍ଟାପଡ଼ା, ୯।୧୨(ସମିସ): ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାଣ୍ଟିନ ପରିଚାଳକ ଆନନ୍ଦ ସାହୁଙ୍କୁ ଛାତ୍ରଛାତ୍ରୀଙ୍କୁ ଉତ୍ତମ ବ୍ୟବହାର, ଉନ୍ନତମାନର ଖାଦ୍ୟ ପରିବେଷଣ ପାଇଁ ଜାତୀୟ ଯୁବ ରେଡକ୍ରସ ତରଫରୁ ସମ୍ମାନୀତ କରାଯାଇଛି। ରାଜ୍ୟ ସରକାରଙ୍କ ଉପନିର୍ଦ୍ଦେଶକ ତଥା ରାଜ୍ୟ ଯୁବ ରେଡକ୍ରସ୍ ମୁଖ୍ୟ ପ୍ରଫେସର ରମେଶ ଚନ୍ଦ୍ର ବେହେରା, ରାଜ୍ୟ ସଂଯୋଜକ ପ୍ରଫେସର ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା ସଂଯୋଜିକା ପ୍ରଫେସର ସସ୍ମିତା ପଟ୍ଟନାୟକ ଓ ଜିଲ୍ଲା ସଂଯୋଜକ ପ୍ରଫେସର ଅକ୍ଷୟ ମହାନ୍ତି ଉପସ୍ଥିତ ରହି ଶ୍ରୀ ସାହୁଙ୍କ ପ୍ରଶଂଶା କରିବା ସହ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଏମଏଫସିର ମୁଖ୍ୟ ଅଧ୍ୟାପିକା ତଥା ଶିବିର ସଂଯୋଜିକା ସୁଶ୍ରୀ ଅମିତାବାଳା ପାତ୍ର ଓ ଅଧ୍ୟାପିକା ଶୁଭଶ୍ରୀ ନାୟକ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର



ଚୌଦ୍ୱାର, ୯।୧୨(ସମିସ): ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି। ରାଜନୀତି ବିଭାଗର ଅଧ୍ୟାପିକା ବିସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ପାଠପଢ଼ା ସହିତ ନିଜର ଆତ୍ମରକ୍ଷା ପାଇଁ ତାଲିମ ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ କ୍ଷୀରାବ୍ଧୀ ଚୌଧୁରୀ, ଡ. ହରପ୍ରୀୟା ମହାପାତ୍ର, ଡ.ସସ୍ମିତା ଭୂୟାଁ, ମୋହିତ କର, ଯୁକ୍ତେଶ୍ୱର ଦାସ, ସରିତା ମିଶ୍ର, ଡ. କ୍ରୀଷ୍ଣା କାବେରୀ ଦାସ, ସୁଶ୍ରୀ ଶିଳ୍ପାଶ୍ରୀ ମିଶ୍ର, ଅନୁପମା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଲତିକା ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରଜ୍ଞା ପରମିତା ଧନ୍ୟବାଦ ଦେଇଥିଲେ।

## କିରଣ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

ଚୌଦ୍ୱାର, ୯।୧୨(ସମିସ): ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତର କାଦୁଆନୂଆଗାଁ ସ୍ଥିତ ଗାନ୍ଧୀ ମେମୋରିଆଲ ଯୁଥ କ୍ଲବ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିରଣ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୁବ ବିଜେପି ନେତା ଅଭୟ ବାରିକ ଓ ବିଶିଷ୍ଟ ଅତିଥିଭାବେ ଗୁରୁଡ଼ିଝାଟିଆ ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିବା ବେଳେ ଶିବିରରୁ ୩୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏସସିବି ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଆୟୋଜିତ ଶିବିରରେ ଡ. ନିର୍ମଳା ଦାସଙ୍କ ସମେତ ଫାଉଣ୍ଡେସନର ସଭାପତି ଲକ୍ଷ୍ମୀଧର ମହାରଣା, ସାଧାରଣ ସମ୍ପାଦକ ମୋହନ ଦାସ, ପୀତବାସ ଥାଟୋଇ, ପ୍ରଦୀପ ବିଶ୍ୱାଳ, ସୁଶାନ୍ତ ସାହାଣୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଥ କ୍ଲବର ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ଦେବେନ୍ଦ୍ର ସାହୁ, ଚତୁର୍ଭୁଜ ସାହୁ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ବେଆଇନ୍ ବାଲି ଓ ପଥର ଚାଲାଣ; ୬ ହାଇୱା ଜବତ



ସାଲେପୁର, ୯।୧୨(ସମିସ): ବେଆଇନ୍ ଭାବେ ବାଲି ଓ ପଥର ଚାଲାଣ କରୁଥିବା ୬ଟି ହାଇୱାକୁ ସାଲେପୁର ପୁଲିସ ଜବତ କରିଥିବା ଜଣାଯାଇଛି। ରାତିରେ ଚିତ୍ରୋତ୍ପଳା ଓ ମହାନଦୀରୁ ବେଆଇନ୍ ଭାବେ ବାଲି ଉଠାଇ ସାଲେପୁର କଲେଜରୋଡ୍ ଦେଇ ବିଭିନ୍ନ ଅଞ୍ଚଳକୁ ବାଲି ମାଫିଆମାନେ ବାଲି ଚାଲାଣ କରିଚାଲିଥିଲେ। ଫଳରେ ସରକାର ଏହା ଦ୍ୱାରା ବିପୁଳ ମାତ୍ରାରେ ରାଜସ୍ୱ ହରାଉଥିଲେ। ଅପର ପକ୍ଷରେ ଏହି ରାସ୍ତା ଦେଇ ଓଭରଲୋଡ୍ କରି ବହୁ ସଂଖ୍ୟକ ହାଇୱାରେ ବାଲି ଚାଲାଣ କରିବା ଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନରେ ବାଲି ଜମା ହୋଇ ରହୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ବାଲିରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଅପର ପକ୍ଷରେ ବାଲିମାଫିଆମାନେ ନିର୍ଭୟରେ କିଶୋରନଗର ଓ ସାଲେପୁର ବ୍ଲକ ଅଞ୍ଚଳର ମହାନଦୀ ଚିତ୍ରୋତ୍ପଳାରୁ ଖୁଲମଖୁଲା ରାତିରେ ଶହ ଶହ ସଂଖ୍ୟକ ହାଇୱା ମାଧ୍ୟମରେ ବେଆଇନ୍ ଭାବେ ବାଲି ଚାଲାଣ କରିଚାଲିଛନ୍ତି। ଗତକାଲି ରାତିରେ ହାଇୱା ଯୋଗେ ବେଆଇନ୍ ବାଲି ଚାଲାଣ କରୁଥିବା ୪ଟି ହାଇୱା ଓ ପଥର ଚାଲାଣ କରୁଥିବା ୨ଟି ହାଇୱାକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରୁ ବେଆଇନ୍ ବାଲି ଓ ପଥର ଚାଲାଣ କରୁଥିବା ୬ଟି ହାଇୱାକୁ ଜବତ କରି କ୍ଷୁଦ୍ର ଖଣିଜ ବିଭାଗକୁ ଜଣାଯାଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଏହି କିଛି ଦିନ ହେବ ରାତିରେ ବହୁ ସଂଖ୍ୟାରେ ବେଆଇନ୍ ଭାବେ ହାଇୱା ଯୋଗେ ବାହାର ଅଞ୍ଚଳକୁ ବାଲି ଚାଲାଣ ହେଉଥିଲାବେଳେ ପୁଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବେଳେ ଗତକାଲି ରାତିରେ ପୁଲିସ ଚଢ଼ଉ କରି ଏହି ୬ଟି ହାଇୱାକୁ ଜବତ କରିଛି।

■ ବନ ବିଭାଗ ଅବହେଳା ପାଇଁ ଚାଷୀ ମୁଣ୍ଡରେ ଚଡ଼କ

## ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ

ନରସିଂହପୁର, ୯।୧୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମପଞ୍ଚାୟତ ଅଧୀନ ନୂଆବାଲିଝରି ଗ୍ରାମରେ ଗତ କିଛି ଦିନ ଧରି ଜଙ୍ଗଲ ହାତୀଙ୍କ ଉପଦ୍ରବ ଲାଗିରହିଛି। ହାତୀମାନଙ୍କ ଉପଦ୍ରବରେ ଚାଷୀମାଙ୍କର ପ୍ରଭୁତ କ୍ଷୟକ୍ଷତି ହେଉଥିବାର ଚାଷୀମାନେ ଅଭିଯୋଗ ଆଣିଛନ୍ତି। ହାତୀପଲ ସନ୍ଧ୍ୟା ପରେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ବାହରି ଗାଁ ମୁଣ୍ଡରେ ଥିବା ଧାନକ୍ଷେତ ଭିତରକୁ ପଶି ଆସି ଉପଦ୍ରବ କରୁଛନ୍ତି। ହାତୀପଲରେ ଛୋଟରୁ ବଡ ପ୍ରାୟ ୭ରୁ ଅଧିକ ହାତୀ ରହୁଥିବାର କିଛି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ହାତୀମାନେ ପାଚିଲା ଧାନ କିଆରିରେ ପଶି ଖାଇବା ଅପେକ୍ଷା ଅଧିକ ଧାନକୁ ଦଳିମକଚି ନଷ୍ଟ କରୁଥିବାରୁ ସମ୍ପ୍ରତି ଏହି ଅଞ୍ଚଳର ଚାଷୀମାନେ ଚିନ୍ତାଗ୍ରସ୍ତ ଅଛନ୍ତି। ଗତ ୫ ଦିନ ହେବ ବାଲିଝରି ସମେତ ଆଖପାଖ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଥିଲେ ହେଁ ସ୍ଥାନୀୟ ବନବିଭାଗ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ରବିବାର ରାତିରେ ଗ୍ରାମର କାହ୍ନୁଚରଣ ଜେନା, ଲିଲି ଜେନା, ରତ୍ନାକର ସ୍ୱାଇଁ ଏବଂ ନିଳମଣୀ ପ୍ରତିହାରୀଙ୍କ ସମେତ ଗ୍ରାମର ୧୦ ଜଣରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନବିଲ ହାତୀମାନଙ୍କ ଦ୍ୱାରା ନଷ୍ଟ ହୋଇଥିବାର ସୂଚନା ମିଳିଛି।



## ଆନ୍ଦୋଳନକୁ ଓହ୍ଲାଇଲା ଆଞ୍ଚଳିକ ଟ୍ରକ୍ ମାଲିକ ମହାସଂଘ

ଟାଙ୍ଗୀ, ୯।୧୨(ସମିସ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳି ମୌଜା ସ୍ଥିତ ଡାଲମିଆଁ ସିମେଣ୍ଟ ଅଧିକୃତ ତଥା ଓଡ଼ିଶା ସିମେଣ୍ଟ ଲିମିଟେଡ୍ (ଓସିଏଲ) ଅନ୍ତର୍ଭୁକ୍ତ କପିଳାସ ସିମେଣ୍ଟ ମାନୁଫ୍ୟାକଚରିଂ ୱାର୍କ୍ସ (କେସିଏମଡବ୍ଲୁ) ବିରୋଧରେ ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ସୋମବାର ଆନ୍ଦୋଳନକୁ ଓହ୍ଲାଇଛି। କମ୍ପାନୀର ପାରିପାର୍ଶ୍ୱିକ ବିକାଶରେ ସହଭାଗୀ ଥିବା କଟକ ଜିଲ୍ଲା ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ଗାଁ, ଉଚ୍ଚପଦା, କନ୍ହେଇପୁର, ସଫା ଓ କୋଟସାହି ପଞ୍ଚାୟତ ସହ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଓ ପାରିଆ ପଞ୍ଚାୟତର ଟ୍ରକମାଲିକଙ୍କ ସହ ସାଧାରଣ ଲୋକେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବିଶେଷକରି ଉପରୋକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଆନ୍ଦୋଳନସ୍ଥଳରେ ନିଜର ବକ୍ତବ୍ୟ ରଖିବା ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ କମ୍ପାନୀ ଦ୍ୱାରା ଭେଣ୍ଡର ହୋଇଥିବା ଟ୍ରାନ୍ସପୋର୍ଟମାନେ ଯେଉଁଭଳି ସୁବିଧା ପାଉଛନ୍ତି ସେହିଭଳି ଆଞ୍ଚଳିକ ଟ୍ରକ ମାଲିକଙ୍କୁ ଅଗ୍ରାଧିକାର ଦେବା ପାଇଁ ଦାବି କରିଥିବା ଜଣାପଡ଼ିଛି। ସିମେଣ୍ଟ ପରିବହନ ସହ ବିଭିନ୍ନ ସମସ୍ୟା ଭିତ୍ତିକ ୧୫ ଦଫା ଦାବି ଟ୍ରକ ମାଲିକ ମହାସଂଘ ଉଠାଇଥିବାବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜାଣିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଟାଙ୍ଗୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା।



### ଆଠଗଡ଼ ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ

## ୩୨୯୦ ଲିଟର ଦେଶୀମଦ ଜବତ, ୨୭୦୫୫ ଲିଟର ପୋଚ ନଷ୍ଟ

ଆଠଗଡ଼, ୯।୧୨(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ନିମାଁଇ ଚରଣ ସିଂହ, ଆଠଗଡ଼ ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଟିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା, ଭିରୁଡା ଓ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ଟିଗିରିଆ ଓ ଆଠଗଡ଼ ପୁଲିସ, ଆଠଗଡ଼ ତହସିଲଦାର, କଟକ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ, ବାଙ୍କି ଅବକାରୀ ଥାନା, ନରସିଂହପୁର ଅବକାରୀ ଥାନା, କଟକ ରୁରାଲ ରେଞ୍ଜ, କଟକ ସଦର ରେଞ୍ଜଙ୍କ ସହାୟତାରେ ଏକ ବିରାଟ ଚଢଉ କରାଯାଇଥିଲା। ଚଢଉ ସମୟରେ ବିଭିନ୍ନ ସ୍ଥାନରୁ ୩୨୯୦ ଲିଟର ଦେଶୀ ମଦ ସହିତ ୨୭ ହଜାର ୫୫ ଲିଟର ଗୁଡ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ୧୦ଟି ମାମଲା ରୁଜୁ ହୋଇଛି। ଚଢଉ ସମୟରେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ନିମାଇଁ ଚରଣ ସିଂ, ଆଠଗଡ଼ ଏସଡିପିଓ ରବୀନ୍ଦ୍ର ମଲ୍ଲିକ, ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଆଠଗଡ଼ ଅବକାରୀ ନୀରିକ୍ଷକ ରବି ନାରାୟଣ ପ୍ରଧାନଙ୍କ ସମେତ କଟକ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଅଭିରାମ ସାହୁ, ସଦର ରେଞ୍ଜ ଅବକାରୀ ନୀରିକ୍ଷକ କମଳ ଲୋଚନ ପାଇକରାୟ, ରୁରାଲ ରେଞ୍ଜ ଅବେକାରୀ ନୀରିକ୍ଷକ ମାନସୀ ନାୟକ, ଆଠଗଡ଼ ଅବକାରୀ ନୀରିକ୍ଷକ ଅନିରୁଦ୍ଧ ମୁଦୁଲି, ଟିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ବିକ୍ରମକେଶରୀ ଜେନା, ଆଠଗଡ଼ ଅବକାରୀ ଉପ ନୀରିକ୍ଷକ ଅରୁଣ ଭୋଇ, ବାଙ୍କି ଅବକାରୀ ଉପନୀରିକ୍ଷକ ସୌମ୍ୟ ରଞ୍ଜନ ମାଝୀ, ନରସିଂହପୁର ଅବକାରୀ ନୀରିକ୍ଷକ ସଂଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।। ସେହିପରି ଆଜି ଆଠଗଡ଼ ପୁଲିସ ପକ୍ଷରୁ ସହକାରୀ ଉପ ନୀରିକ୍ଷକ ସତ୍ୟପ୍ରିୟ ବରାଳ ପେଟ୍ରୋଲିଂ କରୁଥିବା ସମୟରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପାମାଳ ଗ୍ରାମର ବୀରେନ ପଲେଇଙ୍କ ଠାରୁ ୧୦୫ ଲିଟର ଦେଶି ମଦ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛନ୍ତି।



